# ଜିଲ୍ଲା ନିବନ୍ଧକଙ୍କ କାର୍ଯ୍ୟାଳୟ ନୂଆପଡା

## ବେଞ୍ଚମାର୍କ ମୂଲ୍ୟାୟନ ପ୍ରକାଶନ ବିଜ୍ଞପ୍ତି

ସଂଖ୍ୟାଂ. 124 ତା. 7-3-2022

ଏତଦ୍ୱାରା ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ /ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ/ ଖରିଆର ବିଜ୍ଞାପିତ ଅଞ୍ଚଳ ପରିଷଦର ତଥା ନୂଆପଡା ଜିଲ୍ଲାର ସମସ୍ତ ଗ୍ରାମର ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛିଯେ, ଉପରୋକ୍ତ ବିଜ୍ଞାପିତ ଅଞ୍ଚଳ ଓ ସମସ୍ତ ଗ୍ରାମର ଜମିର ମୂଲ୍ୟ ନିରୂପଣ କରାଯାଇ ଜିଲ୍ଲା ମୂଲ୍ୟାୟନ କମିଟି, ନୂଆପଡା ଦ୍ୱାରା ଅନୁମୋଦନ କରାଯାଇ ଜମିର ମୂଲ୍ୟ ନିରୂପଣର ସବିଶେଷ ତାଲିକା ସଂଲଗ୍ନ କରାଯାଇଅଛି,ଯାହାକି ତହସିଲ କାର୍ଯ୍ୟାଳୟ/ବିଜ୍ଞାପିତ ଅଞ୍ଚଳ ପରିଷଦର /ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ/ ଖରିଆର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଏବଂ ନୂଆପଡା ଜିଲ୍ଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଖରିଆର ଏବଂ ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷ୍ୟକଙ୍କ ଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିପାରିବ ।

ଅଦ୍ୟ ତା.୦୭.୦୩.୨୦୨୨ ରିଖ ଠାରୁ ତା.୨୨.୦୩.୨୦୨୨ରିଖ ପର୍ଯ୍ୟନ୍ତ ଜମି ମୂଲ୍ୟାୟନ ପ୍ରକାଶନ ଜାରି ରହିବ । ଏଣୁ ଏହିବାବଦରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ,ତେବେ ଏହି ଜମି ମୂଲ୍ୟାୟନ ପ୍ରକାଶନ କାଳ ଅର୍ଥାତ ୧୫ (ପନ୍ଦର) ଦିନ ମଧ୍ୟରେ ସାଧା କାଗଜ ରେ ସେମାନେ ଆପତ୍ତିଜନିତ ଦାରଖାସ୍ତଟିକୁ ଜିଲ୍ଲା ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ ନୂଆପଡା, ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ ଖରିଆର ଠାରେ ଦାଖଲ କଲେ,ତାହା ବିଚାର ନିମନ୍ତେ ଗ୍ରହଣ କରାଯିବ ।

(Signature) 7/3/22
ଜିଲ୍ଲା ନିବନ୍ଧକ, ନୂଆପଡା

ବିଜ୍ଞାପକ ସଂଖ୍ୟା. 127 /ତା. 7-3-2022

ଏହାର ଦୁଇକିତା ନକଲ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ ନୂଆପଡା/ଉପ ଜିଲ୍ଲାପାଳ ନୂଆପଡା/ତହସିଲଦାର ନୂଆପଡା/ବିଜ୍ଞାପିତ ଅଞ୍ଚଳପରିଷଦ,ଖରିଆର ରୋଡ,ଖାଡିଆର,ନୂଆପଡା ଓ ଜିଲ୍ଲାର ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷ୍ୟକ ମାନଙ୍କ ବିଶେଷ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉକ୍ତ ବିଜ୍ଞପ୍ତିଟିର ଏକକିତା ନକଲ ସର୍ବସାଧାରଣ ଗୋଚରାର୍ଥେ ନୋଟିସ ବୋର୍ଡରେ ଲଗାଇବେ ।

(Signature) 7/3/22
ଜିଲ୍ଲା ନିବନ୍ଧକ, ନୂଆପଡା